କୋଭିଡ୍ ନିୟମ ଅନୁସାରେ ପାଳିତ ହେବ ନହରକଣ୍ଟା ଦୁର୍ଗାପୂଜା



ଭୁବନେଶ୍ୱର (ବ୍ୟୁରୋ): ବର୍ତ୍ତମାନ ସମଗ୍ର ବିଶ୍ୱ ଭୟଙ୍କର କରୋନା ସଂକ୍ରମଣ ମଧ୍ୟ ଦେଇ ଗତି କରୁଥିବା ବେଳେ ଚଳିତ ଦୁର୍ଗାପୂଜାକୁ ସରକାରଙ୍କ ପ୍ରଦର୍ଶିତ ଗାଇଡ୍‌ଲାଇନ୍ ଆଧାରରେ ଭୁବନେଶ୍ୱର ମହାନଗର ନିଗମର ୪ ନମ୍ବର ୱାର୍ଡର ଗଡ଼ନହରକଣ୍ଟା ସାର୍ବଜନୀନ ଦୁର୍ଗାପୂଜାକୁ ବିଧିବିଧାନ ମୁତାବକ ସାମାଜିକ ଦୂରତା ଅବଲମ୍ବନ କରାଯାଇ ପାଳନ କରିବାକୁ ନିଷ୍ପତ୍ତି ହୋଇଛି । ୨୨ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପୂଜାକୁ ଭକ୍ତଙ୍କ ପ୍ରବେଶକୁ ବାରଣ କରାଯାଇଛି । ଦୁର୍ଗାପୂଜା କମିଟି ତରଫରୁ ଅଞ୍ଚଳର ପ୍ରତି ପରିବାର ନିକଟରେ ମାଆଙ୍କ ପୂଜା ସିନ୍ଦୂର ପହଞ୍ଚାଇବା ସହିତ ବରିଷ୍ଠ ନାଗରିକମାନଙ୍କ ନିକଟରେ ଭୋଗ ପହଞ୍ଚାଇବାକୁ ବ୍ୟବସ୍ଥା କରାଯାଉଛି । ସାମାଜିକ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କ ଦର୍ଶନ ନିମନ୍ତେ ବ୍ୟବସ୍ଥା କରାଯିବ । ଏଣୁ ଭକ୍ତମାନେ ସରକାରଙ୍କ ପ୍ରଦର୍ଶିତ କୋଭିଡ୍ ନିୟମକୁ ଅନୁପାଳନ କରି ପୂଜାସ୍ଥଳକୁ ନ ଆସି ନିଜ ବାସଗୃହରେ ଦେବୀ ଆରାଧନା କରିବାକୁ ପୂଜା କମିଟି କର୍ମକର୍ତ୍ତା ସବିନୟ ଅନୁରୋଧ କରିଛନ୍ତି ।

ଶରତ କରଙ୍କ ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ବ୍ୟୁରୋ): ଓଡ଼ିଶାର ଯଶସ୍ୱୀ ଜନନେତା, ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ ଓ ପୂର୍ବତନ ବାଚସ୍ପତି ଡଃ ଶରତ କୁମାର କରଙ୍କ ଏକାଦଶାହ ଉପଲକ୍ଷେ ଭୁବନେଶ୍ୱର ବୁଦ୍ଧମନ୍ଦିରରେ ଏକ ଦୀପଦାନ ଓ ପୁଷ୍ପାର୍ଘ୍ୟ ପ୍ରଦାନ ଉତ୍ସବ ସ୍ୱର୍ଗତ କରଙ୍କ ପରିବାର ପକ୍ଷରୁ କୋଭିଡ୍ ନିୟମକୁ ଧ୍ୟାନରେ ରଖି କରାଯାଇଥିଲା। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରାଜ୍ୟ ପୂଜ୍ୟପ୍ରଣାମ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଜନନେତା ଶରତ କର ଜଣେ ମାନବବାଦୀ ଜନନେତା ଥିଲେ। ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତିର ସେ ଥିଲେ ଅନନ୍ୟ ଉପାସକ। ନୂତନ ଯୁବପିଢୀଙ୍କ ପାଇଁ ଉଦାହରଣପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ ସେ ।ଆଜିର କାର୍ଯ୍ୟକ୍ରମର ଆୟୋଜକ ଶୋଭନ କର, କର ପରିବାର ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କମଧ୍ୟରେ ସ୍ୱର୍ଗତ କରଙ୍କ ବଡ଼ପୁଅ ପ୍ରଭାତ କର, ବିଶିଷ୍ଟ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ଭାରତ ସରକାରଙ୍କ ଫିସ୍‌ଫେଡ୍‌ଅଧ୍ୟକ୍ଷ ପ୍ରସାଦ ଦୋରା, ବୁଦ୍ଧମନ୍ଦିର ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ଅଂଶୁମାନ କର, ରୁଦ୍ର ସିଂହ, ହିନ୍ଦୁ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇ ସ୍ୱର୍ଗତ କରଙ୍କ ରାଜନୀତି, ଧର୍ମ ଓ ସଂସ୍କୃତିକୁ ଅବଦାନବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆର୍ଶୀବାଦ ଶତପଥୀ, ଅମୂଲ୍ୟ କୁମାର ସ୍ୱାଇଁ, ଅଜିତ କୁମାର ସାହୁ, ଅବଦୁଲ ସଲାମ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ସାନିଟାଇଜର ବଣ୍ଟନ କରାଯାଇଥିଲା।

ସମାଜସେବୀଙ୍କ ସ୍ମୃତିଚାରଣ ସଭା

ଭୁବନେଶ୍ୱର (ବ୍ୟୁରୋ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ନାରାୟଣୀ ସେବା ଫାଉଣ୍ଡେସନ୍ ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ୫ମ ସ୍ମୃତିଚାରଣ ଦିବସ ପ୍ରାତଃ କାଳରେ ଫାଉଣ୍ଡେସନ୍‌ର ଶାଖା କାର୍ଯ୍ୟାଳୟ, ୟୁନିଟ୍-୯ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ମୃତିସଭାରେ ଫାଉଣ୍ଡେସନ୍‌ର ସଭାପତି ଶିବନାରାୟଣ ମିଶ୍ର ଅଧ୍ୟକ୍ଷତା କରି ସ୍ୱର୍ଗତ ତ୍ରିପାଠୀ ସମ୍ବାଦ ଓ ସାମ୍ବାଦିକତା ତଥା ସମାଜସେବା କ୍ଷେତ୍ରରେ ଏକ ମହାନ୍ ବ୍ୟକ୍ତିତ୍ୱ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସତ୍ୟନଗରସ୍ଥିତ ସତ୍ୟକାଳୀ ବସ୍ତିରେ ଅସହାୟ, ଅଭାବୀ ୪୪ଟି ପରିବାରକୁ ଶୁଖିଲା ଖାଦ୍ୟ, ମାସ୍କ, ସାନିଟାଇଜର ବଣ୍ଟନ କରାଯିବା ସହିତ ସରକାରଙ୍କ କୋଭିଡ୍ ସଚେତନତା, ସ୍ୱଚ୍ଛତା ପ୍ରମୁଖ ସମ୍ବନ୍ଧରେ ଅବଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରଜବନ୍ଧୁ ପରିଡ଼ା, ଲକ୍ଷ୍ମୀଧର ପାଇକରାୟ, ମଦନମୋହନ ପାଢ଼ୀ, ସୁରେନ୍ଦ୍ର କୁମାର ସାହୁ, ଦୀପକ କୁମାର ରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ତଥା ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସତ୍ୟବ୍ରତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ପଟ୍ଟଚିତ୍ରରେ ମା' ଦୁର୍ଗାଙ୍କୁ ଆବାହନ କଲେ ଚିତ୍ରଶିଳ୍ପୀ



ଭୁବନେଶ୍ୱର (ବ୍ୟୁରୋ): ଧରାପୃଷ୍ଠକୁ ଓହ୍ଲାଇଛନ୍ତି ମା' ଜଗତ ଜନନୀ। ଏଥିପାଇଁ ରାଜ୍ୟରେ ସବୁ ଆଡ଼େ ଉତ୍ସବ ମୁଖର। କରୋନା କଟକଣାରେ ଏବେ ମା' ଦୁର୍ଗାଙ୍କ ପୂଜା ହେଉଥିବା ବେଳେ ପଟ୍ଟଚିତ୍ରରେ ମା'ଙ୍କୁ ଆବାହନ କରିଛନ୍ତି ଯୁବ ଚିତ୍ରକର। ଚିତ୍ରକଳାକୁ ନେଇ ଅଭିନବ ଉପାୟରେ ମା' ଦୁର୍ଗାଙ୍କ ଚିତ୍ର ଆଙ୍କିଛନ୍ତି ରାଜିକିଶୋର ମହାରଣା । ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମ୍ଭେମାନେ ଅସୁରଘାତିନୀ ମହାଶକ୍ତିଙ୍କର ପୂଜାକରୁ। ଏହି ମହାଶକ୍ତିଙ୍କୁ ନିଜର କଳା ନିପୂଣତାରେ ପୁରୁଣା ଭୁବନେଶ୍ୱର ଲିଙ୍ଗରାଜ ନଗରରେ ରହୁଥିବା ଶ୍ରୀ ମହାରଣା ମା ଦୁର୍ଗାଙ୍କ ଆବାହନ କରିଛନ୍ତି।

ଭିଏସ୍ଏସ୍ ନଗରରେ ମା' ଦୁର୍ଗାଙ୍କ ସପ୍ତମୀ ପୂଜା

ବିଶ୍ୱ ସ୍ତନକର୍କଟ ଦିବସ ଅବସରରେ ବାଲୁକାମୂର୍ତ୍ତି ଉନ୍ମୋଚନ

ଭୁବନେଶ୍ୱର (ବ୍ୟୁରୋ): ଚଳିତ ବିଶ୍ୱ ସ୍ତନ କର୍କଟ ସଚେତନତା ମାସରେ ଇଂଟିଗ୍ରେଟେଡ୍ ହେଲ୍‌ଥ ଆଣ୍ଡ ୱେଲ୍‌ବିଙ୍ଗ୍ (ଆଇଏଚ୍‌ଡବ୍ଲ୍ୟୁ) କାଉନ୍ସିଲ୍ ଦ୍ୱାରା ଆୟୋଜିତ ସ୍ତନ କର୍କଟ କାର୍ଯ୍ୟ ଦିବସକୁ ପାଳନ କରିବା ପାଇଁ ଓଡିଶାର ପୁରୀରେ ପ୍ରଖ୍ୟାତ ବାଲୁକା କଳା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଏକ ବାଲୁକା ମୂର୍ତ୍ତିକୁ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଓ ମଧ୍ୟପ୍ରଦେଶ ରାଜ୍ୟପାଳ ଡଃ ନଜ୍‌ମା ହେପତୁଲ୍ଲା ମିଳିତ ଭାବେ ଉନ୍ମୋଚନ କରିଛନ୍ତି। ବିଶ୍ୱ ସ୍ତନ କର୍କଟ କାର୍ଯ୍ୟ ମାସରେ ସ୍ତନ କର୍କଟ କାର୍ଯ୍ୟ ଦିବସକୁ ଆଇଏଚ୍‌ଡବ୍ଲ୍ୟୁ କାଉନ୍ସିଲର ଏକ ମାସ ଧରି ଚାଲିଥିବା ମେଗା ଭର୍ଚୁଆଲ କନ୍‌କ୍ଲେଭ୍‌ର ଏକ ଅଂଶ ଭାବେ ପାଳନ କରାଯାଉଛି। ଏହି ଅବସରରେ ଆନନ୍ଦିବେନ ପଟେଲ କହିଥିଲେ, ବିଶ୍ୱରେ କ୍ୟାନ୍ସର ଦ୍ରୁତ ବେଗରେ ମାଡିଚାଲିଛି ଏବଂ ବିଶେଷ କରି ଭାରତରେ ଏହାର ପ୍ରଭାବ ଅଧିକ ରହିଛି। ଶୀଘ୍ର ଚିହ୍ନଟ ହୋଇପାରିଲେ ଏହାର ଚିକିତ୍ସା ହୋଇପାରିବ। ଏପରିକି ପୁରୁଷମାନେ ମଧ୍ୟ ଏଥିରେ ପୀଡିତ ହେଉଛନ୍ତି। ତେଣୁ ସହର ଓ ଗ୍ରାମାଂଚଳରେ ନିୟମିତ ସ୍କ୍ରିନିଙ୍ଗ୍ କ୍ୟାମ୍ପ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଆମେ ମୁଖ୍ୟମନ୍ତ୍ରୀ ଅମୃତମ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରିଥିଲୁ । ଏହି ଯୋଜନା ଅଧୀନରେ ୧.୫ କୋଟିରୁ ଅଧିକ ମହିଳାଙ୍କର ହେଲ୍‌ଥ କ୍ୟାମ୍ପଗୁଡିକରେ ସ୍କ୍ରିନିଙ୍ଗ କରାଯାଇଥିଲା। ଆମେ କିଶୋରୀ ବାଳିକାମାନଙ୍କୁ ଏସମ୍ପର୍କରେ ବିଦ୍ୟାଳୟ ସ୍ତରରୁ ହିଁ ସଚେତନ କରିବା ଉଚିତ ଯାହାଦ୍ୱାରା ସେମାନେ ଏହି ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ନିଜ ମା'ମାନଙ୍କୁ ଶିକ୍ଷିତ କରିପାରିବେ। ଯଦି ଆମେ ଆମର ମା'ମାନଙ୍କ ଯତ୍ନ ନେଇପାରିବା ତେବେ ଆମେ ୫୦% କ୍ୟାନ୍ସର ରୋଗୀଙ୍କ ଜୀବନ ବଂଚାଇପାରିବା ।ସେହିପରି ରାଜ୍ୟପାଳ ନଜମ୍ା ହେପତୁଲ୍ଲା କହିଛନ୍ତି ଯେ, କ୍ୟାନ୍ସର କାହାକୁ ବି ହୋଇପାରେ। ସ୍ତନ କର୍କଟ କାର୍ଯ୍ୟ ଦିବସ ଭଳି ପ୍ରୟାସ ନିୟମିତ ଭାବେ ଆୟୋଜିତ ହେବା ଉଚିତ, ଯାହାଦ୍ୱାରା ଲୋକେ କ୍ୟାନ୍ସର ସମ୍ପର୍କରେ ଅଧିକ ସଚେତନ ହୋଇପାରିବେ ଓ ରୋଗୀଙ୍କୁ ବଂଚାଇବାରେ ସାହାଯ୍ୟ କରିପାରିବେ।

ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର (ବ୍ୟୁରୋ): ନୟାପଲ୍ଲୀ ଗ୍ରାମରେ ସାମାଜିକ ଅନୁଷ୍ଠାନ ମହିମା ସେବା ଫାଉଣ୍ଡେସନ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ପରିବେଶ ସଚେତନତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହାଛଡ଼ା ସାମାଜିକ ଦୂରତ୍ୱ ଓ ସ୍ୱଚ୍ଛତା ସଂପର୍କରେ ଫାଉଣ୍ଡେସନର ସଭାପତି ନାରାୟଣ ଖୁଣ୍ଟିଆ ମତବ୍ୟକ୍ତ କରିବା ସହିତ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଓ ବ୍ୟାପକ ସାମାଜିକ କାର୍ଯ୍ୟକ୍ରମ କରାଯିବ ବୋଲି ମତ ରଖିଥିଲେ।

ଭିଏସଏସ୍ ନଗରରେ ମା' ଦୁର୍ଗାଙ୍କ ବେଲବରଣ ପୂଜା

ଜାତୀୟ ଶିକ୍ଷାନୀତି ସମ୍ପର୍କିତ ୱେବିନାର

ଭୁବନେଶ୍ୱର (ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ଡିମ୍‌ଡ ଟୁ ବି ୟୁନିଭର୍ସିଟି) ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଜାତୀୟ ଶିକ୍ଷା ନୀତି -୨୦୨୦ ଶୀର୍ଷକ ଏକ ୱେବିନାର୍ ଅନୁଷ୍ଠିତ ହୋଇଯାଇଛି। ଏହି ୱେବିନାର୍‌ରେ ସୋଆ କୁଳପତି ପ୍ରଫେସର ଡଃ ଅଶୋକ କୁମାର ମହାପାତ୍ର ସାମଗ୍ରିକ ଓ ସନ୍ତୁଳିତ ସ୍ୱାସ୍ଥ୍ୟ ଜାତୀୟ ଶିକ୍ଷୀ ନୀତିର କିପରି ଏକ ଅବିଚ୍ଛେଦ୍ୟ ଅଙ୍ଗ ସେ ସମ୍ପର୍କରେ ଅବଗତ କରାଇଥିଲେ। ଆର୍‌ଆଇଆଇ ଭୁବନେଶ୍ୱରର ଇତିହାସ ବିଭାଗର ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ ଶିକ୍ଷା ନୀତିର କେଉଁ ଅଂଶକୁ ସହଜରେ ଲାଗୁ କରିହେବ ଓ କାହାକୁ ଲାଗୁ କରିବାରେ ଅସୁବିଧାର ସାମ୍ନା କରିବାକୁ ପଡିବ ସେ ନେଇ ବିଷଦ୍ ତର୍ଜମା କରିଥିଲେ। ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ଆଂଚଳିକ ନିର୍ଦ୍ଦେଶକ, ଭୁବନେଶ୍ୱରର ଆର୍. ସାଇଦା ନାଏକ ଜାତୀୟ ଶିକ୍ଷା ନୀତି ଓ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟଧାରା ସମ୍ପର୍କରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଓଡ଼ିଶା ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ଜାତୀୟ ଶିକ୍ଷା ନୀତିର ବହୁ ବିଷୟଭିତ୍ତିକ ଦିଗ ଉପରେ ଆଲୋଚନା କରିଥିଲେ। ଏହି ୱେବିନାରରେ ସୋଆ ଡିନ୍ ଛାତ୍ରମଙ୍ଗଳ ପ୍ରଫେସର ଜ୍ୟୋତିରଂଜନ ଦାସ ସ୍ୱାଗତ ଭାଷଣ ଦେଇଥିବା ବଳେ ପ୍ରୋଗ୍ରାମ୍ ଅଫିସର୍ ଡ. ଚକ୍ରଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ୱେବିନାର୍‌ରେ ୫୦୫ ଜଣ ପଞ୍ଜୀକରଣ କରିଥିଲେ। ଉଭୟ ଗୁଗୁଲ ମିଟ୍ ଓ ଫେସ୍‌ବୁକ୍‌ରେ ଲାଇଭ୍ ଷ୍ଟ୍ରିମ୍ ହୋଇଥିଲା। ଏହି କାର୍ଯ୍ୟକ୍ରମର ସଫଳତାର ବିଶେଷ ଭୂମିକା ତୁଲାଇଥିଲେ ସ୍ୱେଚ୍ଛାସେବୀ ପ୍ରତୀକ ଦାସ ଓ ଅମିତ ପଣ୍ଡା।

ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନ

ବିଜେପି, ବିଜେଡିକୁ ପରାସ୍ତ କରିବା ପାଇଁ ସିପିଆଇଏମ୍‌ର ଆହ୍ୱାନ

ଭୁବନେଶ୍ୱର (ବ୍ୟୁରୋ): ବାଲେଶ୍ୱର ଓ ତିର୍ତ୍ତୋଲ ବିଧାନ ସଭା ଆସନ ନିମନ୍ତେ ଅନୁଷ୍ଠିତ ହେଉଥିବା ଉପନିର୍ବାଚନ ରେ ସଂପ୍ରଦାୟିକତାବାଦୀ କର୍ପୋରେଟ ସପକ୍ଷବାଦୀ ବିଜେପି ଓ ଏହାର ଅଘୋଷିତ ସହଯୋଗୀ ବିଜେଡି ଦଳକୁ ପ୍ରତ୍ୟାଖ୍ୟାନ କରିବାକୁ ସିପିଆଇଏମ୍ ଓଡିଶ ରାଜ୍ୟ କମିଟି ଆହ୍ୱାନ ଜଣାଇଛି । ୨୦୧୯ ନିର୍ବାଚନରେ ବିଜେପି କେନ୍ଦ୍ର ସରକାର ରେ ଅଧିଷ୍ଠିତ ହେବା ପରେ ଦେଶର ସଂଖ୍ୟାଲଘୁ ସଂପ୍ରଦାୟ, ଦଳିତ ମହିଳା ଆଦିଙ୍କ ଉପରେ ଆକ୍ରମଣ ଆହୁରି ଯୋରଦାର ହୋଇଛି । ସଂପ୍ରଦାୟିକ ଓ ଭେଦଭାବମୁଳକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । କର୍ପୋରେଟ୍ ସପକ୍ଷବାଦୀ ଆର୍ଥିକ ନିତୀ ଯୋଗୁଁ ପୂର୍ବରୁ ଦେଶର ଅର୍ଥନୀତିରେ ଘୋର ଅବନତି ଦେଖା ଦେଇଥିଲା । ବର୍ତ୍ତମାନ କରୋନା ମହାମରୀ କାଳରେ ଅର୍ଥନୀତି ଆହୁରି ସଂଗୀନ ହୋଇ ପଡିଛି । ପ୍ରତ୍ୟେକ ପରିବାରକୁ ୧୦ କେଜି ଖାଦ୍ୟ ଶସ୍ୟ ମାଗଣାରେ ଛ'ମାସ ପର୍ଯ୍ୟନ୍ତ ଯୋଗାଇବା ଏବଂ ଆୟକର ଦେବା ପରିସର ବାହାରେ ଥିବା ସମସ୍ତ ପରିବାରକୁ ମାସିକ ୭୫୦୦ ଟଙ୍କା କରି ଛ'ମାସ ଯାଏଁ ପ୍ରଦାନ କରିବା ପରି ସର୍ବନିମ୍ନ ଦାବୀକୁ ମଧ୍ୟ କେନ୍ଦ୍ର ବିଜେପି ସରକାର ପ୍ରତ୍ୟାଖ୍ୟାନ କରିଛି । ଅନ୍ୟ ଦିଗରେ ବଛା ବଛା ଅତ୍ୟଧିକ ଧନୀକ ପରିବାରର ସମ୍ପତ୍ତି ଓ ମୁନାଫା ବୃଦ୍ଧିକୁ ସୁନିଶ୍ଚିତ କରାଯାଇଛି । ସ୍ୱାଧୀନତା ପରେ ପ୍ରଚଳିତ ଶ୍ରମ ଓ ଶ୍ରମିକ ସମ୍ପର୍କିତ ୪୪ଟି ଶ୍ରମ ଆଇନକୁ ଅକାମୀ କିମ୍ବା ବ୍ୟାପକ ସଂଶୋଧନ କରି ୪ଟି ଦନ୍ତହୀନ କୋର୍ଡରେ ପରିଣତ କରିବା ଯୋଗୁଁ ଶ୍ରମିକ ଓ କର୍ମଚାରୀମାନେ ଯତ୍ କିଞ୍ଚିତ ଆଇନଗତ ସୁରକ୍ଷା ପାଉଥିଲେ ସେଥିରୁ ବଞ୍ଚିତ ହୋଇଛନ୍ତି । ସେହିପରି ନିକଟରେ ପାର୍ଲାମେଣ୍ଟରେ ଅତ୍ୟାବଶ୍ୟକ ସାମଗ୍ରୀର ଆଇନରେ ସଂଶୋଧନ ଏବଂ ନୂତନ କୃଷି ଆଇନ ଯୋଗୁଁ କୃଷି କ୍ଷେତ୍ର ଏବଂ କୃଷକମାନଙ୍କୁ ଗଭୀର ସଂକଟ ମଧ୍ୟକୁ ଠେଲି ଦିଆଯାଇଛି । ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସନ କାଳରେ ପ୍ରତିବାଦ ଓ ବିରୋଧି କାର୍ଯ୍ୟକ୍ରମକୁ ଦେଶଦ୍ରୋହୀ ଆଖ୍ୟା ଦେଇ ଗିରଫ କରାଯାଉଥିଲା । ଆଜି ମଧ୍ୟ ସେହି ଢାଞ୍ଚାରେ ସମସ୍ତ ପ୍ରତିବାଦ, ବିରୋଧିତା, ସ୍ୱାଧିନ ମତପୋଷଣକୁ ଦେଶଦ୍ରୋହୀ ଆଖ୍ୟା ଦେଇ ଗିରଫ କରାଯାଉଛି । ଦେଶର ସାମ୍ବାଦିକ, ଲେଖକ, ବୁଦ୍ଧିଜୀବି, କଳାକାର, ଛାତ୍ର , ଯୁବକ, ମହିଳା , ରାଜନୈତିକ ସାମାଜିକ କର୍ମୀ ଏଥିରୁ ବାଦ ପଡୁନାହାନ୍ତି । ଦେଶର ସମ୍ବିଧାନ, ସାମ୍ବିଧାନିକ ସଂସ୍ଥା ଏବଂ ପାର୍ଲାମେଣ୍ଟ ଉପରେ ହେଉଛି ଯୋରଦାର ଆକ୍ରମଣ । ଏତିକି ବେଳେ ଓଡିଶାର ବିଜେଡି ଦଳ ଏକ ଆଞ୍ଚଳିକ ଦଳ ଭାବେ ବିଜେଡିର ସହଯୋଗୀ ଦଳ ରୂପେ କାର୍ଯ୍ୟ କରୁଛି । ବିଜେଡି, କୌଣସି ଟି ରାଜନୈତିକ ଅର୍ଥନୈତିକ ଓ ସଂପ୍ରଦାୟିକ କାର୍ଯ୍ୟକ୍ରମକୁ ବିରୋଧ କରୁନାହିଁ । ବରଂ ଠିକଣା ସମୟରେ ପାର୍ଲାମେଣ୍ଟ ଭିତରେ ସମର୍ଥନ କରିଆସୁଛି । ମୋଦି ସରକାର କ୍ଷମତାସୀନ ହେବା ପରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ହୋଇନାହିଁ। ରାଜ୍ୟ ସ୍ୱାର୍ଥ ରକ୍ଷାକାରୀ ଦଳ ରୂପେ ନିଜକୁ ପ୍ରତିପାଦିତ କରୁଥିବା ବିଜେଡି ଦଳ ରାଜ୍ୟମାନଙ୍କ ଅଧିକାର ଉପରେ କେନ୍ଦ୍ରର ହସ୍ତକ୍ଷେପ ବେଳେ ନିରବ । ଜିଏସଟି ପ୍ରାପ୍ୟ ରାଜ୍ୟମାନଙ୍କୁ ଦେବାରେ କେନ୍ଦ୍ରର ଅସ୍ୱୀକାର କଲାବେଳେ କିମ୍ବା କରୋନା ମହାମାରୀ ସମୟରେ ରାଜ୍ୟ ଅର୍ଥନୀତି ଦୁର୍ବଳ ହେବାବେଳେ ପି.ଏମ୍ କେଆର ଫଣ୍ଡ ପରି ପ୍ରଧାନମନ୍ତ୍ରୀ ନାମକୁ ବ୍ୟବହାର କରି ଗଠିତ ଘରୋଇ ଟ୍ରଷ୍ଟ ଫଣ୍ଡରୁ ରାଜ୍ୟକୁ ସାହାଯ୍ୟ ପାଇଁ ମଧ୍ୟ ଦାବି କରୁନାହିଁ। ବରଂ କେନ୍ଦ୍ର ସରକାରଙ୍କ ପରି ରାଜ୍ୟରେ ଠିକା ଚାଷ ବ୍ୟବସ୍ଥା, ଆଠ ଘଣ୍ଟିଆ ଶ୍ରମ ଦିବସକୁ ୧୨ ଘଣ୍ଟା କରିବା, ୨ ବର୍ଷ ପର୍ଯ୍ୟନ୍ତ ନୂତନ ନିଯୁକ୍ତି ବେଆଇନ କରିବା, ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ଘରୋଇକରଣ କରିବା ଓ ଘରୋଇ କମ୍ପାନୀର ମୁନାଫା ସୁନିଶ୍ଚିତ କରିବା ପାଇଁ ୟୁନିଟ୍ ପିଛା ୨୦ ପଇସା ବିଦ୍ୟୁତ୍ ଶୁଳ୍କ ପ୍ରସ୍ତାକୁ ସମର୍ଥନ କରିଛି ବିଜେଡି ଦଳ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଓ ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନରେ ବିଜେଡି ଓ ବିଜେପି ଦଳର ପ୍ରାର୍ଥୀମାନଙ୍କୁ ପରାସ୍ତ କରି କଂଗ୍ରେସ ପ୍ରାର୍ଥୀଙ୍କୁ ଉଭୟ ସ୍ଥାନରେ ବିଜୟୀ କରିବା ପାଇଁ ସିପିଆଇଏମ୍ ଓଡିଶା ରାଜ୍ୟ କମିଟି ଆହ୍ୱାନ ଜଣାଉଛି ।

ବିଶ୍ୱ ସ୍ତନକର୍କଟ ଦିବସ ସଚେତନତା ଶିବିର

ଭୁବନେଶ୍ୱର (ବ୍ୟୁରୋ): ବିଗତ ୮ ବର୍ଷ ଧରି ସ୍ୱର୍ଶ ହସ୍ପିଟାଲ୍‌ଏଣ୍ଡ କ୍ରିଟିକାଲ୍ କେୟାର୍ ଏବଂ ଲାଇଅନ୍ସ ମିନତି ବେହେରା କ୍ୟାନସ୍‌ର ଫାଉଣ୍ଡନସ୍ ପକ୍ଷରୁ ବିଶ୍ୱ ସ୍ତନ କର୍କଟ ଦିବସ ସଚେତନତା ପାଳନ କରି ଆସୁଅଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହସ୍ପିଟାଲ୍ ପରିସରରେ ସାମାଜିକ ଦୂରତ୍ୱ ରଖି ଅକ୍ଟୋବର ୨୧ ତାରିଖରେ ବିଶ୍ୱ ସ୍ତନ କର୍କଟ ଦିବସ ସଚେତନତା ଶିବରି ଅନୁଷ୍ଠିତ ହୋଇଥିଲା। ଏହି ଦିବସରେ କର୍କଟରେ ଚିକିତ୍ସିତ, ସୁସ୍ଥ ହୋଇଯାଇଥିବାରୋଗୀମାନଙ୍କୁ ଏବଂ ତାଙ୍କର ପରିବାରବର୍ଗଙ୍କୁ ସ୍ତନ କର୍କଟ ରୋଗ ବିଷୟରେ ସଚେତନତା ସହିତ ନୂତନ ଜ୍ଞାନ କୌଶଳ ବିଷୟରେ ଅବଗତ କରାଯାଇଥିଲା । ପ୍ରତ୍ୟେକ ବର୍ଷ ଲକ୍ଷାଧିକରୁ ଅଧିକ ସ୍ତନ କର୍କଟ ରୋଗ ଚିହ୍ନଟ ହୋଉଛନ୍ତି । ଏଥିରେ ଜଣଙ୍କର ମୃତ୍ୟୁ ସମ୍ଭାବନା ୫୦-୬୦ପ୍ରତିଶତ ରହିଥିବାବେଳେ କେବଳ ସଚେତନତା ଏବଂ ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ କରିବା ଦ୍ୱାରା ହିଁ ଜଣେ ଏହି ରୋଗରୁ ମୁକ୍ତି ପାଇପାରିବେ। ଅଧିକ ମେଦବହୁଳତା, ଧୂମପାନ, ମଦ୍ୟପାନ, ବ୍ୟାୟାମ ଅଭାବ, ଉଚ୍ଚରକ୍ତଚାପ, ଜଙ୍କ୍‌ଫୁଡ୍, ଦୈନିକ ଦିନର ଖାଦ୍ୟ ପ୍ରଣାଳୀରେ ଅସ୍ଥିରତା, ମାନସିକସ୍ତରରେ ଅସ୍ଥିରତା, ଶିଶୁମାନଙ୍କୁ ସ୍ତନପାନ କରାଉନଥିବା ମହିଳାମାନେ, ହରମୋନରେ ଅସ୍ଥିରତା, ଡେରିରେ ବିବାହ ଏବଂ ମାତୃତ ଲାଭକରିବାମହିଳାଙ୍କଠାରେ ସ୍ତନ କର୍କଟ ରୋଗର ଆଶଙ୍କା ବୃଦ୍ଧି ପାଇଥାଏ । ପୂର୍ବରୁ ବିଭିନ୍ନ କାରଣରୁ ସ୍ତନ କର୍କଟ ରୋଗ ହେଉଥିବା ବେଳେ ବର୍ତ୍ତମାନ କ୍ଷତ୍ରରେପରିବର୍ତ୍ତିତ ଜୀବନ ଶୈଳୀ କେତେକାଂଶରେ ଦାୟୀ ବୋଲି କର୍କଟ ବିଶେଷଜ୍ଞ ପ୍ରଫେସର ଡ଼ା. ଘନଶ୍ୟାମ ବିଶ୍ୱାସ କହିଛନ୍ତି। ଏହି ସଚତନତା ଶିବରି ରେ ଡ଼ା.ସ୍ୱପ୍ନା କବିରାଜ ଏବଂ ପୁଷ୍ପଲତା ସେଠୀଙ୍କୁ ଲାଇଅନ୍ସ ମୀନତି ବେହେରା କ୍ୟାନସ୍‌ର ଫାଉଣ୍ଡନସ୍ ତରଫରୁ ସମ୍ମାନିତ କରାଯାଇଥିଲା ।ଏହି ସଚେତନତା ଶିବିରରେ ସ୍ୱର୍ଶ ହସ୍ପିଟାଲ୍‌ର ମୁଖ୍ୟ ପରିଚାଳନ କାର୍ଯ୍ୟ ନିର୍ବହୀ ନିର୍ଦ୍ଦେଶକ ପ୍ରଫେସର ଡ଼ା. ଘନଶ୍ୱାମ ବିଶ୍ୱାସ, ଅଧୀକ୍ଷକ ଡ଼ା. ଶୁସାନ୍ତକିଶୋର ନାୟକ, କର୍କଟ ବଭି ।ଗର ଡ଼ା. ଭରତ ଦାସ, ଡ଼ା. ଦେବାଶିଷ ଦାସ, ଡ଼ା. ଶୁବାଷ ଚନ୍ଦ୍ର ଜେନା ଏବଂ ଲାଇଅନ୍ସ ମିନତି ବେହେରାକ୍ୟାନସ୍‌ର ଫାଉଣ୍ଡନସ୍ ଅଧ୍ୟକ୍ଷ ଡ଼ା. ସୂର୍ଯ୍ୟ ନାରାୟଣ ବେହେରା ଏବଂ ସମ୍ପାଦକ ଶୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ ଏବଂ ଲାଇଅନ୍ସ ମିନତୀ ବେହେରା କ୍ୟାନସ୍‌ର ଫାଉଣ୍ଡନସ୍ ସମ୍ପାଦକ ଶୁଚିସ୍ମିତା ପୃଷ୍ଟି ସଭାକୁ ଧନ୍ୟବାଦ ଅର୍ପଣ କରିଥିଲେ।

MISSION & VISION
GIVE HOPE : SAVE LIFE
2020/10